# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 4th September – 2025

*******************************************

## ମୁଖ୍ୟ ସମ୍ବାଦ

- ଜିଏସ୍‌ଟି ପରିଷଦ ଗ୍ରହଣ କରିଥିବା ନିଷ୍ପତ୍ତି ସାଧାରଣବର୍ଗଙ୍କ ଆକାଂକ୍ଷା ପୂରଣ କରିବାରେ ସହାୟକ ହେବ; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ୫୦ ହଜାର ଅନ୍ତ୍ୟୋଦୟ ଆବାସ ଗୃହ ଯୋଜନାର କାର୍ଯ୍ୟଦେଶ ଆସନ୍ତା ୧୭ ତାରିଖରେ ପ୍ରଦାନ କରିବେ ରାଜ୍ୟ ସରକାର
- ଆସନ୍ତା ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣୀ

ଏବଂ

- ରାଜ୍ୟରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ ନଦୀରେ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି

## ଧର୍ମେନ୍ଦ୍ର ପ୍ରଧାନ

ଜିଏସ୍‌ଟି ପରିଷଦରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ସାଧାରଣ ବର୍ଗ ଲୋକଙ୍କ ଆକାଂକ୍ଷା ପୂରଣ କରିବାରେ ସହାୟକ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।  ନୂଆଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ବୈଠକରେ ୫ ଏବଂ ୧୮ ପ୍ରତିଶତ ଢାଞ୍ଚା ନେଇ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଦୈନ୍ୟନ୍ଦିନ ବ୍ୟବହାରଯୋଗ୍ୟ ସାମଗ୍ରୀ ଶସ୍ତା ହେବ। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଦେଶର ଗରିବ ଏବଂ ବଧବିତ୍ତ ବର୍ଗର ନାଗରିକ, କୃଷକ, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଏବଂ ମହିଳା ଓ ଯୁବବର୍ଗ ସୁଫଳ ପାଇବେ। ଲୋକଙ୍କ କ୍ରୟ ଶକ୍ତି ବଢ଼ିବା ସହିତ ଉତ୍ପାଦନ ବୃଦ୍ଧି ପାଇବ ଏବଂ କଞ୍ଚାମାଲ୍‌ର ବ୍ୟବହାର ମଧ ବଢ଼ିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଏହି ସଂସ୍କାରମୂଳକ ପଦକ୍ଷେପ ଦେଶର ଅର୍ଥନୈତିକ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସହିତ ସହଜ ଜୀବନଯାପନର ଏକ ନୂତନ ଯୁଗ ଆରମ୍ଭ କରିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ କୃଷି କ୍ଷେତ୍ରରେ ଗ୍ରହଣ କରାଯାଇଥିବା ଟିକସ ହ୍ରାସ ନିଷ୍ପତ୍ତି ଏବଂ କେନ୍ଦୁପତ୍ର ଉପରେ ଜିଏସ୍‌ଟି ହ୍ରାସ ଏ କ୍ଷେତ୍ରର କର୍ମଜୀବୀଙ୍କୁ ସହାୟତା ପ୍ରଦାନ କରିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ଜିଏସ୍‌ଟି ହ୍ରାସ

ଦୁଗ୍ଧ ଏବଂ ଦୁଗ୍ଧଜାତ ପଦାର୍ଥଗୁଡ଼ିକ ଉପରେ ଜିଏସ୍‌ଟି ହ୍ରାସ ଦୁଗ୍ଧ ଚାଷୀଙ୍କୁ ଆର୍ଥିକ କ୍ଷେତ୍ରରେ ଉନ୍ନତି ପ୍ରଦାନ କରିବ। ୫୬ତମ ଜିଏସ୍‌ଟି ପରିଷଦ ବୈଠକରେ ବିଭିନ୍ନ କ୍ଷେତ୍ରରେ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ନେଇ

ସୁପାରିଶ୍ କରାଯାଇଛି । ଜୀବନବୀମା ସୁରକ୍ଷା କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ବୀମା ପଲିସି ଏବଂ ପୁନଃ ବୀମା କରଣ ଦେୟକୁ  ଜିଏସ୍‌ଟି ମୁକ୍ତ କରାଯାଇଛି ।

ଜିଏସ୍‌ଟି ସଂସ୍କାର ଉପରେ ପ୍ରତିକ୍ରିୟା ରଖି ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର **ପ୍ରଭାସ ମିଶ୍ର** କହିଛନ୍ତି.....

**- V/O -** (ପ୍ରଭାସ ମିଶ୍ର)

ପ୍ରସ୍ତାବିତ ଜିଏସ୍‌ଟି ସଂସ୍କାର ଦେଶର ଅର୍ଥନୈତିକ କ୍ଷେତ୍ରକୁ ଅଭିବୃଦ୍ଧି ପ୍ରଦାନ କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି ପ୍ରଫେସର **ସୀମାଞ୍ଚଳ ମିଶ୍ର..**

**- V/O -** (ସୀମାଞ୍ଚଳ ମିଶ୍ର)

## ଅନ୍ତ୍ୟୋଦୟ ଆବାସ ଗୃହ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବିସରରେ ଆସନ୍ତା ୧୭ ତାରିଖରେ ୫୦ ହଜାର ଅନ୍ତ୍ୟୋଦୟ ଆବାସ ଗୃହ ଯୋଜନାର କାର୍ଯ୍ୟଦେଶ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି । ପୂର୍ବରୁ ଏହି ଯୋଜନାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସାମିଲ କରାଯାଇସାରିଛି । ସେ କହିଛନ୍ତି, ପିଏମ୍-ଆବାସ ଯୋଜନା ଅଧୀନରେ ୩୫ ଲକ୍ଷ ହିତାଧିକାରୀ ଆବେଦନ କରିଛନ୍ତି । ଆସନ୍ତା ନଭେମ୍ବରରେ ଏହାର କାର୍ଯ୍ୟାଦେଶ ପ୍ରଦାନ କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

## ହାଇକୋର୍ଟ

କଟକ ସହରରେ ଆଗାମୀ ଦୁର୍ଗାପୂଜା ସମୟରେ ୬ଟି ସ୍ଥାନରେ ସୁଉଚ୍ଚ ତୋରଣ ନିର୍ମାଣ ପାଇଁ ଓଡ଼ିଶା ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ରାଣୀହାଟ, ଚାନ୍ଦିନୀଚୌକ, ବାଦାମବାଡି, ଖାନନଗର, ମାଲଗୋଦାମ ଏବଂ ଶିଖରପୁର ଅଂଚଳରେ ସୁଉଚ୍ଚ ତୋରଣଗୁଡ଼ିକ ନିର୍ମାଣ କରାଯାଇପାରିବ। ଏ ସଂକ୍ରାନ୍ତ କେତେକ ମାମଲାର ଶୁଣାଣୀ କରି ହାଇକୋର୍ଟ ଏହି ନିଷ୍ପତ୍ତି ପ୍ରଦାନ କରିଛନ୍ତି।

## ଅଭିଯୋଗ ଶୁଣାଣୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଆସନ୍ତା ସୋମବାର ଦିନ ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ କହିଛି, କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ଜନଅଭିଯୋଗ ଶୁଣାଣୀକୁ ସ୍ଥଗିତ ରଖାଯାଇଛି। ପରବର୍ତ୍ତୀ ଶୁଣାଣୀ ନେଇ ନିଷ୍ପତ୍ତି ଗଣମାଧ୍ୟମ ଦ୍ୱାରା ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଜଳସ୍ତର-ସର୍ବୋଚ୍ଚ ଯନ୍ତ୍ରୀ

ରାଜ୍ୟର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ପ୍ରବଳ ବର୍ଷା ଯୋଗୁଁ କେତେକ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବୈତରଣୀ ନଦୀରେ ବନ୍ୟା ଆସିଛି ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ୧୩ଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ଏବଂ ୪୨ଟି ବ୍ଲକ୍‌ରେ ୫୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ହୀରାକୁଦ ଜଳଭଣ୍ଡାରରୁ

ନିଷ୍କାସିତ ହେଉଥିବା ଜଳ ଦ୍ୱାରା ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ଶ୍ରୀ ପାଢ଼ୀ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି....

**- V/O - (**ଚନ୍ଦ୍ରଶେଖର ପାଢ଼ୀ**)**

## ଯାଜପୁର ବନ୍ୟାସ୍ଥିତି

ଯାଜପୁର ଜିଲ୍ଲାରେ ଗତ ୩ ଦିନ ଧରି ପ୍ରବଳ ବର୍ଷା ଲାଗି ରହିଛି । ଆମ ଜିଲ୍ଲା ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ଯାଜପୁର ଏବଂ ବ୍ୟାସନଗର ପୌରପରିଷଦର ଅନେକ ତଳିଆ ଅଞ୍ଚଳ ବର୍ଷା ପାଣିରେ ବୁଡ଼ି ରହିଛି । ଜନଜୀବନ ବ୍ୟାହତ ହୋଇଛି । ବୈତରଣୀ ଓ ବ୍ରାହ୍ମଣୀ ତଥା ଏହାର ଶାଖାନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି । ଯାଜପୁର ବ୍ଲକ୍‌ର ସୁଜନପୁର ପଂଚାୟତ ଅନ୍ତର୍ଗତ ଏକ ପୋଲ ଧୋଇ ହୋଇ ଯିବାରୁ ସଡକ ଯୋଗାଯୋଗ ବ୍ୟାହତ ହୋଇଛି । ଗତ ସପ୍ତାହରେ ବୈତରଣୀର ଶାଖା କାଣୀ ନଦୀରେ ଏକ ୧୫୦ ଫୁଟର ଘାଇ ସୃଷ୍ଟି ହେବାରୁ ଦଶରଥପୁର ବ୍ଲକର ୧୯ଟି ପଂଚାୟତ ପ୍ରଭାବିତ ହୋଇଥିଲା । ଜିଲ୍ଲାପାଳ ଅମ୍ବର କୁମାର କର କହିଛନ୍ତି, ବନ୍ୟା ପରିସ୍ଥିତି ନେଇ ଜିଲ୍ଲା ପ୍ରଶାସନ ସତର୍କ ରହିଛି ।

## ଅଭିଯୋଗ ଶିବିର

ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ବିତରଣ କମ୍ପାନୀ - **TPWODL** ପକ୍ଷରୁ ବିଶେଷ ଅଭିଯୋଗ ସମାଧାନ ଶିବିରର ଆୟୋଜନ କରାଯାଉଛି । ବିଦ୍ୟୁତ୍ ବିଲ୍ ନେଇ ଉପଭୋକ୍ତାଙ୍କ ଅଭିଯୋଗ ଏବଂ ଏହାର ସମାଧାନ ଲକ୍ଷ୍ୟ ନେଇ ଏହି ଶିବିର କାର୍ଯ୍ୟକାରୀ କରାଯାଉଛି । ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏଭଳି ଶିବିର ଅନୁଷ୍ଠିତ ହେଉଛି । ସମ୍ବଲପୁର ଜିଲ୍ଲାର କୁଚିଣ୍ଡାସ୍ଥିତ ଉପଖଣ୍ଡସ୍ତରୀୟ କାର୍ଯ୍ୟାଳୟଠାରେ ଏହି ଶିବିର ଗତକାଲି

ଅନୁଷ୍ଠିତ ହୋଇଛି । ଆସନ୍ତା ୮ ତାରିଖରେ ଭୂତାପଡା ଏବଂ ୧୨ ତାରିଖରେ ଗୋଶାଳାଠାରେ ଶିବିରର ଆୟୋଜନ କରାଯିବ । ପର୍ଯ୍ୟାୟକ୍ରମେ ୩ଟି ଯାକ ଜିଲ୍ଲାରେ ଶିବିର ଆୟୋଜନ କରାଯିବ ବୋଲି ବିଦ୍ୟୁତ୍ ବିତରଣ କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଉପଭୋକ୍ତା ଧାର୍ଯ୍ୟ ତାରିଖରେ ଶିବିରରେ ଉପସ୍ଥିତ ରହି ଅଭିଯୋଗ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦିଆଯାଇଛି ।

## ପ୍ରକଳ୍ପ ସମୀକ୍ଷା

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଜୟଶ୍ରୀ ଦୋରା **ବୌଦ୍ଧ** ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ବିଭାଗୀୟ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ବୌଦ୍ଧ ବ୍ଲକ୍‌ର ମୁରୁସୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମର୍ଜାଦପୁର ପ୍ରାଥମିକ ବିଦ୍ୟାଳୟ, ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟ, ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟ, ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ, ଦହିଆ ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟ ଏବଂ ବଲାସିଂହା କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ବିଦ୍ୟାଳୟ ଭିତ୍ତିଭୂମି, ଶ୍ରେଣୀ ଶିକ୍ଷାଦାନ ମଧ୍ୟାହ୍ନ ଭୋଜନ ଏବଂ ବିଦ୍ୟାଳୟକୁ ପ୍ରଦାନ କରାଯାଉଥିବା ବିଭିନ୍ନ ଅନୁଦାନର କାର୍ଯ୍ୟକାରିତା ନେଇ ବିଦ୍ୟାଳୟ କର୍ତ୍ତପକ୍ଷ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।

## ସହାୟତା ବଣ୍ଟନ ଶିବିର

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରଠାରେ ବ୍ଲକ୍‌ସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଏଥିରେ ଯୋଗଦେଇ ସହାୟତାରାଶି ବଣ୍ଟନ କରିଛନ୍ତି । ବିଭିନ୍ନ

ଯୋଜନା ଅଧୀନରେ ୩ କୋଟି ୭୯ ଲକ୍ଷ ୪୯ ହଜାର ୮୦୦ ଟଙ୍କା ମୋଟ୍ ୮୫୪ ଜଣ ହିତାଧୀକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ହସ୍ତାନ୍ତର କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ଶତ୍ରୁଘ୍ନ ଜେନା, ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

## ସଚେତନ ରଥ-ଚାରାରୋପଣ

**ମାଲକାନଗିରି** ଜିଲ୍ଲାର ବିଭିନ୍ନ ଅଂଚଳରେ ଚାରାରୋପଣ ଲକ୍ଷ୍ୟ ନେଇ ଏକ ସଚେତନ ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ଏକ୍ ପେଡ୍ ମା' କେ ନାମ୍' ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ଅଧୀନରେ ଜିଲ୍ଲାର ପ୍ରତ୍ୟେକ ଗ୍ରାମକୁ ଏହି ରଥ ମାଧ୍ୟମରେ ଚାରା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ବିଧାୟକ ନରସିଂହ ମାଡକାମୀ ଏହାର ଶୁଭାରମ୍ଭ କରିଛନ୍ତି । ଆସନ୍ତା ୧୦ ତାରିଖ ସୁଦ୍ଧା ଜିଲ୍ଲାର ମୋଟ୍ ୧୧୧ଟି ପଞ୍ଚାୟତରେ ଚାରା ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । ଆସନ୍ତା ୧୭ ତାରିଖ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଜିଲ୍ଲାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଚାରା ରୋପଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ କହିଛନ୍ତି ।

## ପ୍ରଶିକ୍ଷଣ ଶିବିର

**ବରଗଡ଼** ଜିଲ୍ଲାରେ ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷକଙ୍କ ୩ଦିନିଆ ପ୍ରଶିକ୍ଷଣ ଶିବିର ଆଜିଠାରୁ ଆରମ୍ଭ ହୋଇଛି । ଜନଜାତି ବ୍ୟାପାର ମନ୍ତ୍ରଣାଳୟ, ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ଶିବିରରେ ଆଦି କର୍ମଯୋଗୀ ଯୋଜନାର ଆଭିମୁଖ୍ୟ ଏବଂ ଏହାର

କାର୍ଯ୍ୟକାରିତା ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଏହା ପରେ ଏହି ମାଷ୍ଟର ଟ୍ରେନର ମାନେ ନିଜ ନିଜ ବ୍ଲକ୍ ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବେ ।

## ୟୁରିଆ

**ନୂଆପଡ଼ା** ଜିଲ୍ଲାର ୨୬ଟି ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ୟୁରିଆ ସାର ବିକ୍ରି ଚାଲିଛି । ଜିଲ୍ଲାକୁ ଆସିଥିବା ୨୬ ହଜାର ୯୦୦ କିଲୋଗ୍ରାମ ସାର ବିକ୍ରି ହୋଇ ସାରିଛି। ୭୧୦ ଜଣ ଚାଷୀ ୭୧୦ ବସ୍ତା ୟୁରିଆ ସାର ନେଇଥିବା ଖଡିଆଲ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ସୂଚନା ଦିଆଯାଇଛି ।

## ଶ୍ରୀଅନ୍ନ ଅଭିଯାନ

**ଝାରସୁଗୁଡ଼ା** ଜିଲ୍ଲାରେ ଶ୍ରୀଅନ୍ନ ଅଭିଯାନ ଅଧୀନରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ୪ ଦିନ ଧରି ୫ଟି ବ୍ଲକ୍‌ରେ ଶ୍ରୀଅନ୍ନ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଏହି ରଥ ପ୍ରଚାର କରିବ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ପତାକା ଦେଖାଇ ଏହି ପୁଷ୍ଟିଶସ୍ୟ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ।